## ସମ୍ପାଦକୀୟ

# ଇରାନରେ ଆନ୍ଦୋଳନ ଜୋରଦାର

ଇରାନରେ ଆରମ୍ଭ ହୋଇଗଲାଣି ଆନ୍ଦୋଳନ। ରାଜଧାନୀ ତେହେରାନରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଏବେ ସାରା ଦେଶରେ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଧୀରେ ଧୀରେ ଦେଶର ସୀମାରେଖା ବାହାରକୁ ମଧ୍ୟ ଯାଇପାରେ ସେହି ଆନ୍ଦୋଳନ। ସେପରି ସ୍ଥିତିରେ କ'ଣ କରାଯାଇପାରେ ? ଦେଶର ଖବର ଯେବେ ବାହାରକୁ ଯିବ, ଘରକଥା ଯେବେ ବାହାରକୁ ଯିବ, ସେତେବେଳେ ପରିସ୍ଥିତି ଅଣାୟତ୍ତ ସ୍ଥିତିକୁ ଯାଇପାରେ। ସେତେବେଳେ କୌଣସି ବି ପରିସ୍ଥିତିରେ ଦେଶରେ ପୂର୍ବଶାନ୍ତି ଫେରାଇଆଣିବା କେବେ ବି ସମ୍ଭବପର ହୋଇନପାରେ। ଦେଶ ଦିନକୁ ଦିନ ତଳ ସ୍ତରକୁ ଖସିଯିବ । ଦେଶ ଦିନକୁ ଦିନ ଅରାଜକତା ଆଡ଼କୁ ଟାଣିହୋଇଯିବ। ଏହିଭଳି ସ୍ଥିତିରେ କୌଣସି ବି ଦେଶର ଅଧୋପତନ ଅବଶ୍ୟମ୍ଭାବୀ। ଏବେ ଇରାନ୍ କିଛି ସେହିଭଳି ସ୍ଥିତି ଦେଇ ଗତି କରୁଛି। ଏବେ ତେହେରାନ୍ କିଛି ସେହିଭଳି ସ୍ଥିତି ଦେଇ ଗତି କରୁଛି। ତେହେରାନ୍‌ରେ ଏବେ ଧୀରେ ଧୀରେ ତେଜ୍ ହେଉଛି ଆନ୍ଦୋଳନ। ତେହେରାନ୍ ରେ ଏବେ ଆନ୍ଦୋଳନ ଏବେ ଯେଉଁଭଳି ସ୍ଥିତିରେ ପହଞ୍ଚିଛି, ଯାହାର ଆଗାମୀ ପରିଣତି ହୋଇପାରେ ଅତି ଭୟଙ୍କର। ଯାହାର ପୂର୍ବାନୁମାନ ଏବେଠାରୁ କରିନେଲେଣି ସଂପୃକ୍ତ ଦେଶର ସର୍ବୋଚ୍ଚ ପ୍ରଶାସନିକ ମୁଖ୍ୟ ଆୟାତୋଲ୍ଲା ଖାମନେଇ । ଇଏ ସେଇ ଖାମନେଇ ଯିଏ କି ଇରାନକୁ ଏସିଆର ଏକ ସର୍ବୋଚ୍ଚ ଉନ୍ନତ ତଥା କ୍ଷମତା ସମ୍ପନ୍ନ ଦେଶ ଭାବରେ ଗଢ଼ିତୋଳିବା ପାଇଁ ଶପଥ ନେଇଥିଲେ ଏବଂ ସେହି ଅନୁସାରେ ଇରାନୀୟ ଜନତାଙ୍କୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାଙ୍କ କାର୍ଯ୍ୟକାଳର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ସେ ଇରାନକୁ ସେହିଭଳି ଏକ ଉନ୍ନତ ସ୍ତରକୁ ନେବାରେ କେବେ ବି ସଫଳ ହୋଇପାରିନଥିଲେ ଏବଂ ଆଗାମୀ ସମୟରେ ମଧ୍ୟ ସେ ସେପରି ଏକ ଉନ୍ନତ ସ୍ତରକୁ ଯେ ଇରାନକୁ ନେଇଯାଇପାରିବେ, ସେମିତି ମଧ୍ୟ ନିର୍ଦ୍ଦିଷ୍ଟ ଭାବେ କହିବା ସମ୍ଭବପର ନୁହେଁ। କାରଣ ଇରାନ୍ ହେଉଛି ଏକ କଟ୍ଟର ଇସଲାମୀୟ ଦେଶ ଯାହା କେବଳ ସେହିଭଳି କଟ୍ଟର ଇସ୍‌ଲାମିକ୍ ପଦ୍ଧତିରେ ବିଶ୍ୱାସ କରେ ଏବଂ ସେହି ରୀତିନୀତିରେ ନିଜ ଦେଶବାସୀଙ୍କୁ ମଧ୍ୟ ଶାସନ କରେ। ତେବେ ବିଶେଷ କଥା ହେଲା ବର୍ତ୍ତମାନର ଆଧୁନିକ ସମୟରେ ଇରାନୀୟ ଜନସାଧାରଣ ଆଉ ସେହି ପୁରୁଣା ଢାଞ୍ଚାରେ ନିଜକୁ ସାମିଲ୍ କରିବାକୁ ଚାହୁଁନାହାଁନ୍ତି। ସେମାନେ ଏବେ ଭିନ୍ନ ଏକ ଦୁନିଆରେ ବଞ୍ଚିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ସେମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଖାମନେଇ ଅୟାତୋଲ୍ଲା ସରକାର ଇରାନବାସୀଙ୍କୁ ମଧ୍ୟ ସେହି ଅନୁସାରେ ନିଜକୁ ପରିଚାଳିତ କରିବା ଦରକାର ନଚେତ କେତେବେଳେବି ଭାଙ୍ଗିଯାଇପାରେ ତାଙ୍କ୍ ସରକାର। ଏତେ ସବୁ ସତ୍ତ୍ୱେ ଖାମନେଇ ସରକାର କିନ୍ତୁ ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି ଦେଶର ସ୍ଥିତି ଏବଂ ପରିସ୍ଥିତି। କାରଣ ସେ ତାଙ୍କ୍ ଇଗୋ ଏବଂ ଅହଂକାରକୁ ନେଇ ବ୍ୟସ୍ତ , ସେ ତାଙ୍କ ପୁରୁଣା ଢାଞ୍ଚାକୁ ନେଇ ତା' ମଧ୍ୟରେ ବ୍ୟସ୍ତ ରହୁଛନ୍ତି ଖାମନେଇ ସରକାର। ଏବେ ସମୟ କିନ୍ତୁ ଉପନୀତ, ଯେତେ ଶୀଘ୍ର ସମ୍ଭବ ସେ ବୁଝି ଯାଆନ୍ତୁ ଖାମନେଇ ସରକାର ଯେ ଇରାନବାସୀ ସରକାରଙ୍କ୍ ଠାରୁ କ'ଣ ଆଶା ରଖିଛନ୍ତି ଏବଂ ସେମାନେ କି ପ୍ରକାର ତାଙ୍କର ଦାବି ଉପସ୍ଥାପନ କରୁଛନ୍ତି ଯାହାକୁ ନେଇ ଆୟାତୋଲ୍ଲା ସରକାର ସଚେତନ ହେବା ଉଚିତ। ଯାହାକୁ ନେଇ ଆୟତୋଲ୍ଲା ସରକାର ସଜାଗ ହୋଇଯିବ ଉଚିତ। ନଚେତ କେତେବେଳେ ବି ହୋଇପାରେ ଗୟାତୋଲ୍ଲା ଅର୍ଥାତ ଇରାନର ସଚେତନ ଜନତା ଏବେ ତାଙ୍କର ଉପସ୍ଥିତିକୁ ନଜର ଅନ୍ଦାଜ କରିଚାଲିଛନ୍ତି। ବାସ୍ତବ କଥା ହେଉଛି ଆମେରିକୀ ଡଲାର ତୁଳନାରେ ଇରାନର ରିୟାଲର ମୂଲ୍ୟ ଏବେ ବହୁ ପରିମାଣରେ ହ୍ରାସ ପାଇଛି। ଯାହାଦ୍ୱାରା ଇରାନ୍‌ରେ ଡଲାର୍ ତୁଳନାରେ ଟଙ୍କାର ମୂଲ୍ୟ ଏବେ ହ୍ରାସ ପାଇଛି। ଏତେ ତଳକୁ ଖସିଯିବାକୁ କିନ୍ତୁ ଏତେ ସହଜରେ ଗ୍ରହଣ କରି ପାରୁନାହାଁନ୍ତି ଇରାନ ସରକାର। ଅତୀତରେ କେବେ ଖାମନେଇ ସରକାର ଇସ୍ରାଏଲ୍ ସହିତ ଭିଡ଼ି ଯାଇଥିଲେ ପ୍ରାୟ ବାର କି ଚଉଦ ଦିନ ଯାହାକୁ କେବେ ବି ଭୁଲିହେବନି ଯେଉଁଥିରେ ଶେଷରେ ଆମେରିକାର ହସ୍ତକ୍ଷେପର ଆବଶ୍ୟକ ପଡ଼ିଥିଲା। ହେଲେ ସେହି ଯୁଦ୍ଧପରଠାରୁ ଇରାନ୍ ଆର୍ଥିକ ସ୍ତରରେ କିନ୍ତୁ ଦୁର୍ବଳ ହୋଇଯାଇଛି ଯାହାର ପରିଣାମ ଡଲାର ତୁଳନାରେ ରିଆଲ୍ କିନ୍ତୁ ଦୁର୍ବଳ ହୋଇଯାଇଛି। ଯେଉଁଥିପାଇଁ ସରକାର ଏବେ ବଦନାମ। ଯେଉଁ କାରଣରୁ ଇରାନୀୟ ଜନତା ଏବେ ଆୟାତୋଲ୍ଲା ସରୀକାର ଉପରେ ଖପ୍ପା। ଏମିତି ବି ଆୟାତୋଲ୍ଲା ସରକାର ଉପରେ ଆଗରୁ ବି ଲାଗିସାରିଛି ବଦନାମୀର ଦାଗ। ବିନା ହିଜାବରେ ଜଣେ ଇସଲାମୀୟ ମହିଳାଙ୍କୁ ପୋଲିସର ଦୁର୍ବ୍ୟବହାର ଏବଂ ପରେ ପରେ ପୋଲିସ୍ ହାଜତରେ ତା'ର ମୃତ୍ୟୁରେ ସମଗ୍ର ଇରାନ୍‌ରେ ସେବେ ଦେଖାଦେଇଥିଲା ବିକ୍ଷୋଭ। ସେବେ ବି ଇରାନୀୟ ଜନତା ଆୟାତୋଲ୍ଲା ସସରକା ଉପରେ ଖପ୍ପା ଥିଲେ। ଏବେ ତ ପୁରା ଖପ୍ପା। ସରକାରଙ୍କୁ ବିରୋଧ କରି ଏବେ ଇରାନୀୟ ରାଜରାସ୍ତାରେ । ସରକାର ବିକ୍ଷୋଭକାରୀଙ୍କ ଉପରେ ଲାଠିଚାଳନା ପରବର୍ତ୍ତେ ଗୁଳି ଚାଳନାକୁ ଗୁରୁତ୍ୱ ଦେଇ ଦଶ-ବାରଜଣ ଆନ୍ଦୋଳନକାରୀଙ୍କୁ ଯମପୁରକୁ ପଠାଇସାରିଲେଣି। ଏବେ ସେ ବି ନିଜେ ହୋଇଯିବେ ଗୟାତୋଲ୍ଲା। ଇରାନୀୟ ତାଙ୍କୁ ବି ଏବେ ବିଦାକରିବା ଚକ୍କରରେ।

## ଜ୍ଞାନାମୃତ

# ଗୁରୁଦେବ

ପିତାମାତାଙ୍କ ପରେ ଗୁରୁ ହେଉଛନ୍ତି ଦ୍ୱିତୀୟ ଈଶ୍ୱର। ପିତାମାତା ଯଦି ପ୍ରଥମ ଈଶ୍ୱର, ତେବେ ତାଙ୍କ ପରେ ରହିବ ଗୁରୁ ଅବା ସଦଗୁରୁଙ୍କ ସ୍ଥାନ ଯାହାଙ୍କୁ ଆମେ କହିପାରିବା ଦ୍ୱିତୀୟ ଈଶ୍ୱର। ଏହି ଗୁରୁମାନେ ସର୍ବଦା ସମାଜରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଏମାନେ ସର୍ବଦା ସମାଜରେ ଆଧାତ୍ମିକ ଜ୍ଞାନ-ଗରିମା ବଳରେ ତାଙ୍କ ପାଖକୁ ଦୂର ଦୂରାନ୍ତରୁ ଆସୁଥିବା ଶିଷ୍ୟମାନଙ୍କୁ ସତ୍ ଉପଦେଶ ଦେଇଛନ୍ତି। ସେପାଇଁ ତ ସେମାନେ ଶ୍ରଦ୍ଧାର ସହ ଧାଇଁ ଆସନ୍ତି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିବା ପାଇଁ। ଗୁରୁ ବି କାହାକୁ କୌଣସି କ୍ଷେତ୍ରରେ ଅବହେଳା କରୁନଥିଲେ କି କାହା ପ୍ରତି ଅନାଦରଭାବ ପ୍ରଦର୍ଶନ କରୁନଥିଲେ। ସମସ୍ତଙ୍କ ପ୍ରତି ସମାନତାର ଭାବ ପ୍ରଦର୍ଶନ କରୁଥିଲେ ସେ । ଗୁରୁ ତାଙ୍କ ଦୈନନ୍ଦିନ ଜୀବନଶୈଳୀ ପ୍ରତି ବିଶେଷ ସଚେତନ ଥିଲେ। ସବୁଦିନ ସ୍ନାନ ସମୟରେ ଗୁରୁଦେବ ତାଙ୍କ ସାଙ୍ଗରେ ଗୋଟିଏ ପାତ୍ର ନେଇ ସେଥିରେ ସୂର୍ଯ୍ୟଦେବଙ୍କୁ ଜଳଅର୍ଘ୍ୟ ପ୍ରଦାନ କରୁଥିଲେ। ପ୍ରତ୍ୟକ ଦିନ ସେପରି କରିବା ତାଙ୍କର ଥିଲା ଗୋଟାଏ ଜରୁରୀ ଅଭ୍ୟାସ। ପ୍ରତ୍ୟହ ସ୍ନାନପରେ ସୂର୍ଯ୍ୟଙ୍କୁ ଜଳ ଅର୍ଘ୍ୟ ପରେ ସେ ତାଙ୍କର ପ୍ରିୟ କାଳୀ ମା'ଙ୍କ ସେବାରେ ସମୟ ଦେଉଥିଲେ। ତାହାପରେ ଅନ୍ୟ ଯାହା କିଛି କରୁଥିଲେ। ତେବେ ସାଙ୍ଗରେ ଗୁରୁଦେବ ଯେଉଁ ପାତ୍ରଟି ନେଉଥିଲେ ତାହା ଏତେ ସଫା ଆଉ ସୁନ୍ଦର ଦିଶୁଥିଲା, ଯେ କେହି ତାକୁ ଦେଖିଲେ, ତା'ର ଆଖି ଲାଖି ରହିଯାଉଥିଲା ସେହି ପାତ୍ର ଉପରେ। ଭାରି ସଫା ଆଉ ସୁନ୍ଦର ଦିଶୁଥିଲା। ତଥାପି ସବୁଦିନ ଗୁରୁଦେବ ସେହି ପାତ୍ରକୁ ଅତି ଯତ୍ନର ସହ ସଫା କରୁଥିଲେ ଏବଂ ଆହୁରି ଚିକ୍‌ଚାକ୍ କରିବା ପାଇଁ ଚେଷ୍ଟା କରୁଥିଲେ। ଶିଷ୍ୟଜଣଙ୍କ ସବୁଦିନ ସେହି ଦୃଶ୍ୟ ଦେଖି ଦେଖି ବୁଝିପାରୁନଥିଲା ଯେ ସବୁଦିନ ଗୁରୁଦେବ କାହିଁକି ସେହି ପାତ୍ରକୁ ସଫା କରୁଛନ୍ତି। ସପ୍ତାହରେ ଥରେ କି ଦୁଇଥର ନୁହଁ, ବାରମ୍ବାର ସଫା କରୁଛନ୍ତି ଗୁରୁଜୀ। ଦିନେ ଦୁଇ ଦିନରେ ଥରେ ସଫା କରିଦେଲେ କ'ଣ ଚଳନ୍ତା ନାହିଁ। ଶିଷ୍ୟର ପ୍ରଶ୍ନରେ ହସି ହସି ଉତ୍ତର ଦେଇଥିଲେ ଗୁରୁଜୀ। କହିଥିଲେ କି ସବୁଦିନ ସଫା କରିବା ଦ୍ୱାରା ପାତ୍ରଟି ଏପରି ଚକମକ୍ କରୁଛି। ଏଣୁ ସବୁଦିନ ସବୁକାମ କରିବା ଉଚିତ ଯାହା ମଣିଷର ହିତ ପାଇଁ ଅତି ଜରୁରୀ। ତେବେ ଯାଇ ସବୁକାମ ସୁନ୍ଦର ହୋଇପାରିବ। ଜୀବନରେ ଉନ୍ନତି ହୋଇପାରିବ। ପ୍ରକୃତରେ କଥାଟା ଅତି ଗୁରୁତ୍ୱପୂର୍ଣ୍ଣ ଯାହାକୁ ବୁଝିବାର ଏବଂ ବୁଝାଇବାର ଆବଶ୍ୟକତା ରହିଛି । ଯିଏ ବୁଝିଗଲା ଅବା ଯିଏ ବୁଝାଇପାରିଲା, ସେମାନେ କୌଣସି ବି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଇପାରିବେ। ଏହା ହିଁ ଗୁରୁଙ୍କର ଦକ୍ଷତା। ଯେ କିଛି ବି ସମସ୍ୟାର ସମାଧାନ କରିପାରନ୍ତି ଯେ କୌଣସି ସମୟରେ, ଯେ କୌଣସି ଉପାୟରେ। ସେପାଇଁ ତ କୁହାଯାଏ ଗୁରୁ ହିଁ ଦ୍ୱିତୀୟ ଈଶ୍ୱର।

# ବିଶ୍ୱ ବିଜୟୀ ଆଲେକଜାଣ୍ଡର୍

## ପ୍ରଫେସର ରଞ୍ଜନ କୁମାର ସାହୁ



ଆକାଂକ୍ଷିତ ମାନବ ସୀମିତ ଜୀବନରେ ଅହରହ ପ୍ରଚେଷ୍ଟା କରେ, ଧନ, ଯଶ, କ୍ଷମତା ଓ ସୌନ୍ଦର୍ଯ୍ୟ ପ୍ରାପ୍ତି ନିମନ୍ତେ । ଆବଶ୍ୟକ ?ତା ଠାରୁ ଅତ୍ୟଧିକ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ପିପାସା ହିଁ ପ୍ରକୃତ ଦରିଦ୍ରତା। ମାନବ ଜୀବନର ସୀମିତ ଅବଧି ମଧ୍ୟରେ ଆଶା ଅସୁମାରୀ, ଯାହାର ତୃଷ୍ଣା ବା ଅଭିଳାଷ ଯେତେ ଅଧିକ ତାର ଦୁଃଖ ଦୁର୍ଦ୍ଦଶା ସେତେ ଅଧିକ ଓ ସେ ସମାଜରେ ସେତେ ଦରିଦ୍ର। ବାସ୍ତବରେ ଏ ଦୁନିଆରେ ଦୁଃଖୀ ଓ ଦରିଦ୍ର କିଏ ? ସ୍ପଷ୍ଟ ଦିବା ଲୋକରେ ଦୈନନ୍ଦିନ ଜୀବନରେ ଦେଖୁଥିବା ମଣିଷ ଟିଏ, ଯିଏ ଅନ୍ୟ ପାଖରେ ହାତ ପତେଇ ମାଗେ ସେ ତ ପ୍ରକୃତ ଭିକାରି ନୁହେଁ। ବଂର ପ୍ରକୃତ ଭିକାରି ସିଏ ଯାହା ପାଖରେ ସବୁ ଥାଇ ମଧ୍ୟ ସେ ଆହୁରି ଅଧିକ ଚାହିଁଥାଏ । ଯାହାର ପ୍ରତିବଦଳରେ ସେ ଅନ୍ୟାୟ ଅନୀତିର ଆଶ୍ରୟ ନିଏ, ସମାଜକୁ ଶୋଷଣ କରେ, ଲୁଣ୍ଠନ କରେ ଅନ୍ୟ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ପାଶ୍ଚାତ୍ ପଦ ହୁଏ ନାହିଁ, ନୀତି ନୈତିକତା, ମୂଲ୍ୟବୋଧ ଓ ମଣିଷ ପଣିଆକୁ ଜଳାଞ୍ଜଳି ଦେଇ ସାରା ଜୀବନ ଧନ ସମ୍ପତି ଗୋଟେଇ ବାରେ ଲାଗିପଡେ। ବିଶ୍ୱ ବିଜୟୀ ହେବାର ପ୍ରୟାସ, ସର୍ବଶ୍ରେଷ୍ଠ ଧନୀକ ସାଜିବାର ମନୋବୃତି, ତୁଳିତପ୍ତ ଶଯ୍ୟାରେ ସୋଇ ସୁନେଲି ସ୍ୱପ୍ନ ଦେଖେ । ଘର ଦ୍ୱାର କୋଠାବାଡି ଓ ଅଟ୍ଟାଳିକା ପ୍ରାପ୍ତ ନିମନ୍ତେ ଯା ପଛରେ ଧାଇଁ ଧାଇଁ ଜୀବନ ବିତାଇ ଦିଏ ।

ସେ ତେବେ ଭୁଲି ଯାଏ ଯେ ଏ ଜୀବନ ଅନିଶ୍ଚିତ, ମାଟିରୁ ଆସିଛି ମାଟିରେ ମିଶିଯିବ, ଏହା ହିଁ ଦିନେ ଘଟିଥିଲା ଇତିହାସ ପ୍ରସିଦ୍ଧ ବୀର ଆଲେକଜାଣ୍ଡରଙ୍କ ଜୀବନରେ ବିଶ୍ୱ ବିଜୟୀ ହେବାର ଲାଳସା। ଯେ ଜଣେ କ୍ଷୁଦ୍ର ରାଜ୍ୟ ମାସିଡୋନିଆ ରାଜ୍ୟର ରାଜା ହିସାବରେ ପ୍ରୟାସ କରିବା କେତେଦୂର ସମୀଚିନ ? ସଦାସର୍ବଦା ଯୁଦ୍ଧଖୋର, ରାଜ୍ୟ ପରେ ରାଜ୍ୟ ଜୟ କରି ଚାଲିଥାନ୍ତି, ତଥାପି ରାଜ୍ୟ ଜୟର ପିପାସା ମେଣ୍ଟେନୀ । ରାଜ୍ୟ ପରେ ରାଜ୍ୟ ଜୟ କରି ଅମାପ ଧନ ସମ୍ପତି ଲୁଣ୍ଠନ କରି ଗ୍ରୀକ୍ ବୀର ନାମରେ ନାମିତ ହେଲେ। ପରିଶେଷରେ ସ୍ୱର୍ଣ୍ଣପ୍ରସୁ ଭାରତ ବର୍ଷ ଆଡକୁ ମୁହାଁଇଲେ ବିଶାଳ ସୈନ୍ୟସାମନ୍ତ ସହିତ। ଏଥେନ୍‌ସ୍ ନଗରୀର ରାଜରାସ୍ତା ଫାଟି ପଡୁଥାଏ ବିଶାଳ ଗ୍ରିକ୍ ସେନାର ପଟୁଆର ଓ ଏହାର କୋଳାହଳରେ, ଏହି ଏଥେନ୍‌ସ୍ ନଗରୀର ଉପାନ୍ତରେ ଏକ ନିର୍ଜନ ପଥପ୍ରାନ୍ତରେ ଏକ ଛୋଟିଆ କୁଡ଼ିଆ ହେଉଛି ତତ୍କାଳୀନ ଦାର୍ଶନିକ ଦାଓଜିନ୍‌ସ୍ ଙ୍କର। ସାଥିରେ ଏକମାତ୍ର ବିଶ୍ୱସ୍ତ କୁକୁର ସହ ସେହି କ୍ଷୁଦ୍ର କୁଡ଼ିଆରେ ବାସ କରୁଥାନ୍ତି। ନ ଜାଣିଥିବା ଲୋକଙ୍କ ଚକ୍ଷୁରେ ସେ ଯେପରି ଜଣେ ସାଧାରଣ ଭିକ୍ଷୁକ। ନିଦ୍ରିତ ଅବସ୍ଥାରେ ହଠାତ୍ ଶୁଣିବାକୁ ପାଇଲେ କୋଳାହଳ, ଉଠିପଡ଼ି ବାହାରକୁ ଆସି ଦେଖନ୍ତି ତ ବୀର ଆଲେକଜାଣ୍ଡର ଓ ତାଙ୍କର ବିଶାଳ ସୈନ୍ୟ ସାମନ୍ତଙ୍କର ପଟୁଆର ଯୁଦ୍ଧ କରିବା ନିମନ୍ତେ ଅଗ୍ରସର। ହଠାତ୍ ସୈନିକ ମାନଙ୍କ ଆଡକୁ ଧାଇଁଗଲେ ଦାଓଜିନ୍ସ ଉଚ୍ଚ କଣ୍ଠରେ ଚିତ୍କାର କରି କହିଲେ ରହିଯାଅ, ସମ୍ରାଟ ଆଲେକଜାଣ୍ଡରଙ୍କୁ ମୋର କିଛି ଦେବାର ଅଛି । ଏତିକି କହି ସମ୍ରାଟଙ୍କ ନିକଟକୁ ଉଦ୍ୟତ ହୋଇ ତାଙ୍କ ହାତରେ ମୁଦ୍ରାଟିଏ ଧରାଇ ଦେଲେ । ବିସ୍ମିତ ହୋଇ ସମ୍ରାଟ ପଚାରିଲେ ଯେ କଣ ? ଦାଓଜିନ୍ସ କହିଲେ - କିଛିଦିନ ତଳେ ଜଣେ ଧନୀକ ବ୍ୟକ୍ତି ମୋତେ ଭିକାରି ଭାବି ଏ ମୁଦ୍ରାଟିକୁ ମୋ କୁଡିଆଭିତରକୁ ଫୋପାଡ଼ି ଦେଇଥିଲେ ଏବଂ ସେହିଦିନ ଭାବିଥିଲି ମୋ ଠାରୁ ଜଣେ ବଡ ଭିକାରି ଦେଖିଲେ ମୁଁ ତାଙ୍କୁ ଏ ଉପହାର ଦେବି। ଆଜି ତୁମକୁ ପାଇ ମୁଁ ତୁମକୁ ଏହା ଉପହାର ଦେଉଛି। ଏ ଭଳି ସମ୍ଭାଷଣରେ ସମ୍ରାଟ ଅତ୍ୟନ୍ତ ଉତ୍ୟକ୍ତ ହୋଇ କହିଲେ ଜାଣିଛ ମୁଁ କିଏ ? ମୁଁ ବିଶ୍ୱବିଜୟୀ ଗ୍ରିକ୍ ବୀର ଆଲେକଜାଣ୍ଡର। ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟ ମୋର ପଦାନତ, ଏହା ସତ୍ତ୍ୱେ ମୋତେ ଭିକାରି ବୋଲି କହିବାର ଧୃଷ୍ଟତା ପାଇଁ ମୁଁ ତୁମର ଶିରଚ୍ଛେଦ କରିବି, ଅବିଚଳିତ ଭାବରେ ଦାଓଜିନ୍ସ ଉତ୍ତର ଦେଲେ - ମୋର କିଛିନାହିଁ ମୁଁ ଭିକାରି ହେବା ସ୍ୱଭାବିକ୍ ।

ତୁମେ ତ ଏତେ ଐଶ୍ୱର୍ଯ୍ୟ ଓ ପ୍ରାଚର୍ଯ୍ୟର ଅଧିକାରୀ ତଥାପି ତୁମର ଏ କ୍ଷୁଧା କଣ ପାଇଁ ?

ତୁମେ କଣ ମୋ ଠାରୁ ବଡ ଭିକାରି ନୁହଁ କି ?

ଯିଏ ଜୀବନରେ କିଛି ଚାହିଁ ନାହିଁ, କିଛି ପାଇ ବି ନାହିଁ, ସିଏ ଧନୀ ନ ହୋଇପାରେ କିନ୍ତୁ ତୁମ ଭଳି ଦରିଦ୍ର ନୁହେଁ। ଦାର୍ଶନିକଙ୍କର ଉଦେଶ୍ୟରେ ଯେଉଁ ନୈତିକ ଚେତନାକୁ ଉକ୍ଷେପ ନ କରି ଆଗକୁ ମାଡିଚାଲିଲେ ଆଲେକଜାଣ୍ଡର। ବିଶ୍ୱ ଅଭିଯାନରେ ବାହାରିଥିବା ସମ୍ରାଟ ଆଉ ନିଜ ଦେଶକୁ ଫେରିପାରିନଥିଲେ । ଭାରତ ଅଭିଯାନ ସାରି ଫେରିବା ବାଟରେ ବେବିଲୋନ ନଗରୀରେ ମାତ୍ର ୩୩ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ ଏବଂ ମୃତ୍ୟୁର ଅବବ୍ୟହିତ ପୂର୍ବରୁ ପାରିଷଦ ମାନଙ୍କୁ ପାଖକୁ ଡକାଇ କହିଥିଲେ। ମୋ ଶବାଧାର ସମାଧିସ୍ଥଳକୁ ନେବାବେଳେ ମୋର ଦୁଇ ହାତକୁ କୋକେଇର ଦୁଇ ପଟକୁ ଝୁଲାଇ ଦେଇଥିବ, ଯେମିତି ସମଗ୍ର ବିଶ୍ୱବାସୀ ଦେଖିବେ ବିଶ୍ୱ ବିଜୟୀ ଆଲେକଜାଣ୍ଡର ଶୂନ୍ୟହସ୍ତରେ ଆସିଥିଲା ଆଉ ମୃତ୍ୟୁ ପରେ ମଧ୍ୟ ଏ ପୃଥିବୀରୁ ଶୂନ୍ୟ ହସ୍ତ ହୋଇ ଫେରିଯାଉଛି। ଅଜସ୍ର ସମ୍ପତି ଅର୍ଜିଥିବା ଆଲେକଜାଣ୍ଡର ପାଇଁ ଏ ଧନ ସମ୍ପତି ତୁଚ୍ଛ, ହୀରାଲୀଳା ମୋତି ମାଣିକ୍ୟ ଆଦି ତାଙ୍କ ପାଇଁ ଗୋଡି ମାଟି ଭଳି ତୁଚ୍ଛ, ଯାହାଙ୍କ ଅନ୍ତିମ ସଂସ୍କାର ଯାତ୍ରାରେ ବି ସହାୟକ ହେଲାନି। ଅର୍ଜନ କରିଥିବା ସମସ୍ତ ସମ୍ପଦ ବର୍ଜନ କରି ଏକା ଏକା ଶୂନ୍ୟ ହସ୍ତରେ ଫେରିଗଲେ।

ଯେଉଁଥି ପାଇଁ କବି କଲମ କଲେ :

କିଣିବାକୁ ଆଉ ନାହିଁ ଧରାଖଣ୍ଡ
ବୋଲି କଲେ ଯେଉଁ ଅସୃସିକ୍ତ ଗଣ୍ଡ।
ମଲା ବେଳେ ବିଶ୍ୱ ବିଜୟୀ ସ୍କନ୍ଦର
କି କହିଥିଲେ ତା ଚିତ୍ତେ ଥରେ ଧର।
ବୋଇଲେ ଏ ପ୍ରାଣ ଗଲେପିଣ୍ଡ ଛାଡି
ନେବ ଯେବେ ମୋତେ କୋକେଇରେ କାଢି ।
ଦେଇଥିବ ଯହିଁ ମୋ ଶବ ଶୁଆଇ
ବେନି ପଟେ ବେନି କାରକୁ ଝୁଲାଇ।
ଯା ଦେଖି ଜାଣିବେ ଜଗତେ ସମସ୍ତେ
ଆସିଥିଲି ଫେରି ଗଲି ଶୂନ୍ୟ ହସ୍ତେ।

**ଇଂରେଜୀ ବିଭାଗ**
**ସୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନ, ନଛିପୁର, କଟକ**

# ଉତ୍କଟ ବାୟୁ ପ୍ରଦୂଷଣ ଓ ଗୁରୁଗ୍ରାମରେ ଅନୁଭୂତି

## ସତ୍ୟ ମହାପାତ୍ର



ରାଜଧାନୀ ସହର ଦିଲ୍ଲୀରେ ସଂପ୍ରତି ଜୀବନ ମରଣ ସମସ୍ୟାର ରୂପ ନେଇ ଯାହା ପ୍ରତିଭାତ ହୋଇଛି, ତାହା ହେଉଛି ଅତ୍ୟନ୍ତ ଉତ୍କଟ ବାୟୁ ପ୍ରଦୂଷଣ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା ହୁ ଦ୍ୱାରା ଜାରି ସତର୍କତାମୂଳକ ପରାମର୍ଶ ଅନୁସାରେ ଏୟାର କ୍ୱାଲିଟି ଇନଡେକସ୍ ବା ଏ.କ୍ୟୁ.ଆଇ ସ୍ତର ୬୦ ତଳକୁ ରହିବା ହେଉଛି ମନୁଷ୍ୟ ସ୍ୱାସ୍ଥ୍ୟର ଅନୁକୂଳ, ଯାହା ଦିଲ୍ଲୀରେ ହାରାହାରି ୩୦୦ରୁ ୪୦୦ ମଧ୍ୟରେ ରହୁଛି ଏବଂ ବେଳେ ବେଳେ କେତେକ ସ୍ଥାନରେ ଏ.କ୍ୟୁ.ଆଇ ଏକ ଅଚିନ୍ତନୀୟ ୧୪୦୦ରେ ମଧ୍ୟ ପହଞ୍ଚି ଯାଉଛି। କହିବା ଅନାବଶ୍ୟକ ଯେ ଏଭଳି ସ୍ଥିତିରେ ଅତିଷ୍ଠ ଦିଲ୍ଲୀ ନାଗରିକଗଣ ନିର୍ମଳ ବାୟୁ ସେବନ କରିବାର ଅଧିକାର ସକାଶେ ଦାବି କରି ସଡ଼କରେ ରୁଣ୍ଡ ହେଲେଣି, ଯହିଁରେ ଏଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମାଧାନରେ ସରକାରଙ୍କ ବିଫଳତା ଓ ପ୍ରସଙ୍ଗର ଅନାବଶ୍ୟକ ରାଜନୀତିକରଣକୁ ତୀବ୍ର ସମାଲୋଚନା କରାଯାଉଛି, ଯଦିଓ ନିକଟରେ ଦିଲ୍ଲୀର ପରିବେଶ ମନ୍ତ୍ରୀ ଏଭଳି ସ୍ଥିତି ସକାଶେ ସାଧାରଣରେ କ୍ଷମା ଯାଚନା କରିସାରିଲେଣି। କେବଳ ସେତିକି ନୁହେଁ, ମାନ୍ୟବର ସର୍ବୋଚ୍ଚ ଅଦାଲତ ମଧ୍ୟ ପରିସ୍ଥିତିକୁ ଗାମ୍ଭୀର୍ଯ୍ୟର ସହିତ ବିଚାର କରି ସରକାର ଓ ପୌରପାଳିକାକୁ ତିରସ୍କାର ମଧ୍ୟ କରିଛନ୍ତି। କିନ୍ତୁ ବାସ୍ତବତାଟି ହେଲା, ଶୀତଋତୁର ସମାପ୍ତି ନ ଘଟିବା ପର୍ଯ୍ୟନ୍ତ ବିଷାକ୍ତ ବାୟୁ ଦ୍ୱାରା ରୁଦ୍ଧି ହେବାର ଜ୍ୱାଳାରୁ ଦିଲ୍ଲୀ ମୁକ୍ତି ପାଇବ ନାହିଁ। କିନ୍ତୁ ଆଉ ଏକ ବାସ୍ତବତା ହେଲଲା ନିରୁଦବିଗ୍ନ ଓ ଅସହାୟ ସରକାର ଏବଂ ପୀଡ଼ିତ ନାଗରିକଙ୍କୁ ଅତିକ୍ରମ କରି ଟିକିଏ ଗଭୀର ଦୃଷ୍ଟି ନିକ୍ଷେପ କଲେ ଦିଶଥାଏ କିଭଳି ଆମ ସମସ୍ତଙ୍କୁ ଘୋଟି ରହିଛି ଆତ୍ମ ନିରୀକ୍ଷଣରେ ଅନ୍ଧତ୍ୱ ଯାହାକୁ ନେଇ ଏକ କ୍ଷୁଦ୍ର ଆଲୋଚନା ପ୍ରାସଙ୍ଗିକ ହୋଇଥାଏ।

ଏହିପରି ଉତ୍କଟ ବାୟୁ ପ୍ରଦୂଷଣ ଓ ଭୟାନକ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିବାବେଳେ ଗତ ନଭେମ୍ବର ୩୦ ତାରିଖରେ ମୋତେ ଯିବା ପାଇଁ ପଡ଼ିଥିଲା ଗୁରୁଗାଁଓ। ଯେଉଁଠି ମୋ ଭଉଣୀ ସ୍ୱାତୀ ଓ ଭିଣୋଇ ମନସିଜ ଦାସ ରହୁଛନ୍ତି। ଭିଣୋଇ ବହୁରାଷ୍ଟ୍ରୀୟ କମ୍ପାନୀ ରିକେଟ୍ କମ୍ପାନୀର ଜଣେ ପଦସ୍ଥ ଅଧିକାରୀ। ସେ ତାଙ୍କ ବ୍ୟସ୍ତବହୁଳ କାର୍ଯ୍ୟସୂଚୀରେ ଲଣ୍ଡନ ଓ ବାରାଣାସୀ ଯାଇଥିବାରୁ ମୋତେ ଗତ ନଭେମ୍ବର ୩୦ରୁ ଡିସେମ୍ବର ୧୭ ପର୍ଯ୍ୟନ୍ତ ଭଉଣୀ ପାଖରେ ସମୟ କାଟିବାର ସୁଯୋଗ ପାଇଲି। ତେବେ ମୋ ଯିବା ସମୟର ଯାତ୍ରାଟି ଅତ୍ୟନ୍ତ ରୋମାଞ୍ଚକର ଥିଲା ମୋ ପାଇଁ କାରଣ ରାସ୍ତାରେ ପ୍ରବଳ ଗହଳି ପାଇଁ ମୁଁ ପହଞ୍ଚିବାବେଳକୁ ଏୟାରପୋର୍ଟରେ ବୋର୍ଡିଂ ସରିଗଲାଣି। ବାଧ୍ୟ ହୋଇ ବାପାଙ୍କୁ ଲଗେଜ ଫେରାଇ କେବଳ ଯାହା ପିନ୍ଧିଥିଲି, ଆଧାର କାର୍ଡ଼ ଓ ମୋବାଇଲଟି ଧରି ବିମାନରେ ଉଠିଥିଲି। ନୂଆଦିଲ୍ଲୀ ସନ୍ନିକଟ ଗୁରୁଗ୍ରାମରେ ମୋ ଭିଣୋଇ ପିଣ୍ଟୁ ଭାଇ ଡି.ଏଲ.ଏଫ. କମ୍ପାନୀର ଫ୍ଲାଟରେ ଅବସ୍ଥାନ କରୁଛନ୍ତି। ସେଠାର ପରିବେଶ ଏପରି ପ୍ରଦୂଷଣଯୁକ୍ତ ଥିଲା ଯେ ମୋତେ କୁଆଡ଼େ ବାହାରିବା ପାଇଁ ଆଦୌ ଇଚ୍ଛା ହେଉନଥିଲା। ପଢ଼ାପଢ଼ି ଓ ଟିଭି ଦେଖା ସହ ପ୍ରାୟତଃ ବାପା ବୋଉ ଓ ଓଡ଼ିଶାରେ ଥିବା ଆଇନଜୀବୀ ବନ୍ଧୁ ମାନଙ୍କ ସହ ଯାହା କଥାବାର୍ତ୍ତା ହେଉଥିଲି। ପ୍ରଦୂଷଣର କାୟା ଏପରି ବିସ୍ତାର ହୋଇଥିଲା ଯେ ଦିନ ତମାମ ଧୂଳି ଓ କୁହୁଡ଼ିର ଏକ ଚାଦର ଯେପରି ସମଗ୍ର ପରିବେଶକୁ ଘୋଡ଼ାଇ ଦେଇଥିଲା। ଦିନରେ ମଧ୍ୟ ଲୋକମାନଙ୍କୁ ଲାଇଟ ଦେଖାଇ ଗାଡ଼ି ଚଳାଇବା ପାଇଁ ପଡୁଥିଲା। ତେବେ ଏସବୁ ଭିତରେ ନୂଆ ଦିଲ୍ଲୀର ଜଗନ୍ନାଥ ମନ୍ଦିର, ଇଣ୍ଡିଆ ଗେଟ ଓ ସୁପ୍ରିମକୋର୍ଟ ସହ ନୂଆଦିଲ୍ଲୀର ଅନ୍ୟାନ୍ୟ ଦର୍ଶନୀୟ ଜାଗାକୁ ବୁଲାଇ ନେଇଥିଲେ। ସବୁଠାରୁ ଏକ ସ୍ମରଣୀୟ ଘଟଣା ଭାବେ ଗୁରୁଗାଁଓର ଏକ ସାଉଥ ଇଣ୍ଡିଆନ ହୋଟେଲ ଯାହାର ନାମ 'ନୈବେଦ୍ୟମ୍' ସେଠି ଦୋଷା ଖାଇବା ସମୟରେ ଆମେ ଜାଣିବାକୁ ପାଇଲୁ ଯେ ସମସ୍ତ କର୍ମଚାରୀ ହେଉଛନ୍ତି ପ୍ରାୟତଃ ଓଡ଼ିଆ। ନୂଆଦିଲ୍ଲୀର ଏକ ନୂଆ ଆଇଟମ ଭାବେ ପିଣ୍ଟୁ ଭାଇ ମୋତେ ଯେଉଁ କାବୁଲି ବୁଟକଷା ଓ ପନିର ଭର୍ତ୍ତା ଖୋଇଥିଲେ ବାସ୍ତବିକ ତାହା ଅତ୍ୟନ୍ତ ସୁସ୍ୱାଦୁ ଥିଲା। ଆଉ ଏକ କୌତୁହଳ ଓ ମନେରଖିବା ପରି ଘଟଣା ମୋ ପାଇଁ ଥିଲା ଏକ ପ୍ରସିଦ୍ଧ ମ୍ୟାଗି ଖାଇବା ପାଇଁ ପିଣ୍ଟୁ ଭାଇ ମୋତେ ମୁମ୍ବାଇ ନୂଆଦିଲ୍ଲୀ ହାଇୱେରେ ଏକ ଲମ୍ବା ଡ୍ରାଇଭରେ ନେଇଥିଲେ। ଆପାର୍ଟମେଣ୍ଟରେ କିନ୍ତୁ ଅନ୍ତେଃବାସୀଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ରହିଛି। ଅନେକ ସମୟ ଅନ୍ୟ ପିଲାମାନଙ୍କ ସହିତ କ୍ରିକେଟ ଖେଳୁ। କ୍ରିକେଟ ଖେଳିବାରେ ସମୟରେ ମୁଁ କଟାଇଥିଲି।

ସମୟ ଗୁଡ଼ିକ ଦିନ ପରେ ଦିନ ଏପରି ବିତିଗଲା ଯେ ମୋତେ ଲାଗିଲା ନାହିଁ ମୁଁ ସତରେ ବାପା-ମାଆଙ୍କୁ ଛାଡ଼ି ଦୁଇ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ସୁଦୂର କଟକ ଛାଡ଼ି ଭଉଣୀ ପାଖରେ ଗୁରୁଗାଁଓରେ ରହିପାରିଲି। ସୁପ୍ରିମକୋର୍ଟର ଆଇନଜୀବୀ ବନ୍ଧୁ ଦେବାଶିଷ ଜେନା ଓ ଅନ୍ୟ ଜଣେ ବନ୍ଧୁ ବିକାଶ ବିଶ୍ୱାଳ ସାକ୍ଷାତ ହୋଇଥିଲେ। ସାମ୍ପ୍ରତିକ ଆଇନ ସମ୍ବନ୍ଧୀୟ ଘଟଣାକ୍ରମ ଓ ନୂଆ ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜୀବନରେ ଏପରି ସମୟ ସବୁ ଆମ୍ଭମାନଙ୍କ ପାଇଁ କେତେବେଳେ ଯେ ପହଞ୍ଚେ କେହି କହିପାରିବ ନାହିଁ। ଜୀବନର ପ୍ରତିଟି ମୁହୂର୍ତ୍ତ ଯେତିକି ଆନନ୍ଦପୂର୍ଣ୍ଣ ସେତିକି ଆହ୍ୱାନପୂର୍ଣ୍ଣ ଓ ସେତିକି ମଧ୍ୟ ବର୍ତ୍ତମାନ ପରିସ୍ଥିତିରେ ଚିନ୍ତା ଜନକ ହୋଇଗଲାଣି। ଗୁରୁଗାଁଓରେ ରହଣି ସମୟରେ ପ୍ରଦୂଷଣ କଥା ମୋ ଭିତରେ ଗଭୀର ଭାବେ ରେଖାପାତ କରିଥିଲା। ଏ ଦୃଷ୍ଟିରୁ ଦେଖିଲେ ମୋ ଜନ୍ମ ମାଟି ହଜାର ବର୍ଷର ପ୍ରସିଦ୍ଧ ସହର କଟକ ଢ଼େର ଢ଼େର ଭଲ ଓ ଆନନ୍ଦପୂର୍ଣ୍ଣ ଜାଗା। ପ୍ରଦୂଷଣ ଆମ ବର୍ତ୍ତମାନ ସମୟ ପାଇଁ ଏପରି ଘାତକ ସାବ୍ୟସ୍ତ ହେଲାଣି ଯେ ଏହା ଜଣକୁ ରୋଗଗ୍ରସ୍ତ କରିବା ସହ ଦୁର୍ଘଟଣାର କାରଣ ହେଉଛି। ପରିବେଶର ସନ୍ତୁଳନ ସମ୍ପୂର୍ଣ୍ଣ ବିଗିଡ଼ି ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ପରିବେଶକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ଆମ୍ଭମାନଙ୍କର ମଧ୍ୟ ଗୁରୁଦାୟିତ୍ୱ ରହିଛି। ବୃକ୍ଷରୋପଣ କରିବା, ଅନାବନା ଆବର୍ଜନା ବା ନଡ଼ା ପୋଡ଼ିବା ନାହିଁ, ବର୍ଜ୍ୟବସ୍ତୁ ଏଣେତେଣେ ଅପରିଷ୍କାର ଭାବରେ ପକାଇବା ନାହିଁ ଏହିପରି ଭାବନା ଗୁଡ଼ିକ ମୋ ଭିତରେ ରେଖାପାତ କରୁଥାଏ।

ଦେଶର ପ୍ରତିଷ୍ଠିତ ଅନୁଷ୍ଠାନ ମାନଙ୍କ ଗବେଷକମାନଙ୍କ ଦ୍ୱାରା ୨୦୨୪ରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଦିଲ୍ଲୀ ବାୟୁରେ ଉପସ୍ଥିତ ପିଏମ୧୦ ଓ ପିଏମ୨.୫ କଣିକାର ୫୦%ରୁ ଅଧିକର ଉତ୍ସ ହେଉଛି ଜୈବିକ ଜାଳେଣି ଓ ଆବର୍ଜନା ଦହନ। ଆଇଆଇଟି କାନପୁର ୨୦୨୩ରେ ବାସଗୃହମାନଙ୍କରେ ସବୁଠାରୁ ବଡ଼ ଲାଭ ଦେଖିବାକୁ ମିଳିବ। ରୋଷେଇ ଓ ଉତ୍ତାପ ପାଇଁ ଜାଳେଣି କାଠ ବଦଳରେ ଏଲପିଜି, ବାୟୋଗ୍ୟାସ ବା ବିଦ୍ୟୁତ ଶକ୍ତି ଉପଯୋଗ କରିବା ଦ୍ୱାରା ପିଏମ୨.୫ କଣିକାର ଏକ ବଡ଼ ଉତ୍ସ ସମାପ୍ତ ହୋଇଯିବ ଏବଂ ଘରୋଇ ବାୟୁ ପ୍ରଦୂଷଣ ଯୋଗୁଁ ପ୍ରତି ବର୍ଷ ହେଉଥିବା ପ୍ରାୟ ୮,୦.୦୦୦ ଅକାଳ ମୃତ୍ୟୁକୁ ଏଡ଼ାଇ ଦିଆଯାଇପାରିବ। ଏହା ଏକ କଠିନ କାର୍ଯ୍ୟ କିନ୍ତୁ ଲକ୍ଷ୍ୟ କୈନ୍ଦ୍ରିକ ନୀତି କାର୍ଯ୍ୟକାରୀ କରି ଆମେ ଏହା ହାସଲ କରିପାରିବା। ଉଦାହରଣ ସ୍ୱରୂପ ନିମ୍ନ ଆୟ ବର୍ଗର ପରିବାରଙ୍କୁ କାଠ ଜାଳେଣି ସଂପୂର୍ଣ୍ଣ ରୂପେ ତ୍ୟାଗ କରାଇବା ପାଇଁ ପିଏମ ଉଜ୍ଜ୍ୱଳା ଯୋଜନାକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ।

ବ୍ୟକ୍ତିଗତ ଗାଡ଼ି ମଟର ଓ ସାର୍ବଜନୀନ ପରିବହନ ବ୍ୟସ୍ଥାରେ ବିଦ୍ୟୁତ ଶକ୍ତିର ଉପଯୋଗକୁ ବ୍ୟାପକ କରିବା ଦ୍ୱାରା ସହରୀ ପ୍ରଦୂଷଣକୁ ଲଗାତାର ହ୍ରାସ କରାଯାଇପାରିବ। ତେବେ ଏଥିପାଇଁ ସ୍ଲୋଗାନ ନୁହେଁ ଦୀର୍ଘକାଳୀନ ନୀତି, ଦୃଢ଼ ଆର୍ଥିକ ଅନୁଦାନ, ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରଣ ଆବଶ୍ୟକ। ଶେଷରେ ବାୟୁ ପ୍ରଦୂଷଣର ସ୍ଥାନୀୟ ଉତ୍ସ (ଧୂଳି, ନିର୍ମାଣ, ଅଳିଆ ପୋଡ଼ି. ଗହଳି) ଗୁଡ଼ିକୁ ସଶକ୍ତ ଓ ଉତ୍ତରଦାୟୀ ପୌରପାଳିକା ଦ୍ୱାରା ମୁକାବିଲା କରାଯିବା ଜରୁରୀ। ଏହା ପରେ ଶିଳ୍ପ କ୍ଷେତ୍ର ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବିଦ୍ୟୁତଚାଳିତ ବଏଲର ଓ ଫର୍ନେସ ପରି ସ୍ୱଚ୍ଛ ଇନ୍ଧନ ଓ ପ୍ରଯୁକ୍ତି ବ୍ୟବହାର କରିବା ଲାଗି ଏମଏସଏମଇଗୁଡ଼ିକୁ ଉତ୍ସାହିତ କରିବା ସହିତ କଠୋର ନିରୀକ୍ଷଣ ଜରିଆରେ ପ୍ରଦୂଷଣ ହ୍ରାସ କରାଯାଇପାରିବ। ବଡ଼ ଶିଳ୍ପ ଓ ଶକ୍ତି ଉତ୍ପାଦନ କେନ୍ଦ୍ରମାନଙ୍କରେ କଡ଼ା ଉତ୍ସର୍ଜନ ମାନଦଣ୍ଡ କାର୍ଯ୍ୟକାରୀ କରିବା ଏକ ବେସାଲିସ ନୀତି ହେବା ଆବଶ୍ୟକ। ଏଭଳି ସ୍ତରରେ ଯାହା ଆବଶ୍ୟକ ତାହା ହେଲା ସରକାରଙ୍କ କଠୋର ପଦକ୍ଷେପ ଏବଂ ସେଭଳି ପଦକ୍ଷେପ ନେବାକୁ ଉତ୍ସାହ ପ୍ରଦାନ କଲା ଭଳି ତ୍ୟାଗ ସ୍ୱୀକାର କରିବାରେ ନାଗରିକମାନଙ୍କ ମାନସିକ ପ୍ରସ୍ତୁତି। ତାହାହେଲେ ଯାଇ ଭବିଷ୍ୟତ ପିଢ଼ି ଲାଗି ଅନ୍ତତଃ ଉଜ୍ଜ୍ୱଳ ସୁବର୍ଣ୍ଣ ସକାଳର ସମ୍ଭାବନା ସୃଷ୍ଟି ହୋଇପାରେ।

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ : ୯୬୫୮୧୦୫୫୩୨**
**E-mail : mohapatrasatya67@gmail.com**